इलेक्ट्रॉनिकी एवं
सूचना प्रौद्योगिकी मंत्रालय
MINISTRY OF
ELECTRONICS AND
INFORMATION TECHNOLOGY

Digital India
Power To Empower

NIC
एनआईसी
National
Informatics
Centre







# ODISHA UNVEILS SMART GOVERNANCE TOOLS TO TRANSFORM PANCHAYATI RAJ

24th April 2026

Bolangir

# ODISHA UNVEILS SMART GOVERNANCE TOOLS TO TRANSFORM PANCHAYATI RAJ

On the occasion of State Level celebration of the National Panchayati Raj Day on 24th April 2026 at Bolangir, two innovative web applications, namely e-Panchayat Sabha for Zilla Parishad and Panchayati Raj-Samikshya for the Panchayati Raj and Drinking Water Department were launched by Shri Mohan Charan Majhi, Hon'ble Chief Minister, Odisha in the gracious presence of Shri Kanak Vardhan Singh Deo, Hon'ble Deputy Chief Minister, Shri Rabi Narayan Naik, Hon'ble Minister, Panchayati Raj & Drinking Water and Rural Development and Dr. Mukesh Mahaling, Hon'ble Minister, Electronics & Information Technology, Parliamentary Affairs and Health & Family Welfare. These digital solutions, designed and developed by the NIC, Odisha State Centre, Bhubaneswar mark a significant milestone in advancing digital governance, transparency, and accountability in Panchayati Raj Institutions (PRIs) across the State.



# ODISHA UNVEILS SMART GOVERNANCE TOOLS TO TRANSFORM PANCHAYATI RAJ

The Panchayati Raj-Samikshya application serves as a digital platform to streamline and strengthen the audit process of Panchayati Raj Institutions and other offices under the Panchayati Raj and Drinking Water Department, Government of Odisha. Covering the entire audit lifecycle, from scheduling audit programmes to the generation of final audit reports, the system enables real-time tracking of audit observations, compliance status, and report finalization. The technology-driven solution enhances transparency in fund utilization and strengthens financial discipline.










# ODISHA UNVEILS SMART GOVERNANCE TOOLS TO TRANSFORM PANCHAYATI RAJ

The application e-Panchayat Sabha for Zilla Parishad is a workflow-based meeting process at the Zilla Parishad (ZP) level, which aims at strengthening the process of conducting the meetings from scheduling to dissemination of minutes with improved communication mechanisms, record keeping, agenda management and MoM management. It enables real-time access to meeting proceedings, reduces paperwork, and ensures better governance through effective monitoring and implementation of development schemes & social welfare measures.









# ODISHA UNVEILS SMART GOVERNANCE TOOLS TO TRANSFORM PANCHAYATI RAJ

The state level launching event witnessed participation from Public Representatives, PRI members, Senior Government Officials, NIC Officials, and local citizens. The occasion reflected a strong commitment towards leveraging technology for inclusive and efficient governance.

The implementation of these applications marks a significant step towards the digital empowerment of Panchayati Raj Institutions and reinforces the commitment for fostering transparent, accountable, and responsive rural governance systems in Odisha.







# ODISHA UNVEILS SMART GOVERNANCE TOOLS TO TRANSFORM PANCHAYATI RAJ





ସମ୍ବାଦ

## ବଲାଙ୍ଗୀରରେ ହେବ ଚିନିକଳ, ଟେକ୍ସଟାଇଲ୍ ପାର୍କ

- ୫୮୦ କୋଟିର ପ୍ରକଳ୍ପ ଭେଟି ଦେଲେ ମୁଖ୍ୟମନ୍ତ୍ରୀ
- 'ସରପଞ୍ଚ ଥିଲି, ଗାଁ ସମସ୍ୟା ଜାଣିଛି'
- ଆସନ୍ତା ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଣି, ରାସ୍ତା, ବିଜୁଳି

ବଲାଙ୍ଗୀର, ୨୪/୪ (ଇମିସ): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଜାତୀୟ ପଞ୍ଚାୟତିରାଜ ଦିବସର ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗ ଦେଇ ପଞ୍ଚାୟତ ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଲେ, ତାଙ୍କ ରାଜନୈତିକ ଜୀବନ ସରପଞ୍ଚ ପଦରୁ ଆରମ୍ଭ ହୋଇଥିଲା। ୧୯୯୭ ମସିହାରେ ସେ ସରପଞ୍ଚ ଥିବାବେଳେ ଗାଁର ସମସ୍ୟା ସହ ସିଧା ଯୋଡ଼ି ହୋଇଥିଲେ। ସେତିକି ବେଳେ ଗୋଟିଏ ପଞ୍ଚାୟତକୁ ମାତ୍ର ୧୦ରୁ ୧୨ଟି ଇନ୍ଦିରା ଆବାସ ଯୋଜନାରେ ଘର ଆସୁଥିଲା। ଲୋକଙ୍କୁ ଛାତଘର ପାଇଁ ଦହଗଞ୍ଜ ହେବାକୁ ପଡୁଥିଲା। ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଆସିବା ପରେ ସବୁ ସ୍ଥିତି ବଦଳି ଯାଇଛି। ପୂର୍ବରୁ ସରପଞ୍ଚ ଥିଲି, ତେଣୁ ଗାଁ ସମସ୍ୟା କଥା ଜାଣିଛି। ଏବେ ପଞ୍ଚାୟତ ବ୍ୟବସ୍ଥାରେ ହିଁ ସବୁ ସମାଧାନ ସମ୍ଭବ ହେଉଛି। ରାଜ୍ୟରେ ୩୫ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତୋଳିବା ଯୋଜନା ରହିଛି। ଆଜିର ସମାବେଶରେ ୫୦,୧୬୪ ଜଣ ହିତାଧିକାରୀଙ୍କ ଆକାଉଣ୍ଟରେ

➝ ୭

Page No.5 April 25, 2026



ସମ୍ବାଦ

## ବଲାଙ୍ଗୀରରେ ହେବ...

ଅନ୍ତ୍ୟୋଦୟ ଯୋଜନାରେ ଟଙ୍କା ପଡ଼ିଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ପ୍ରତିଟି ଗାଁକୁ ରାସ୍ତା, ପାଣି ଓ ବିଜୁଳି ସୁବିଧା ଉପଲବ୍ଧ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଭେଟି ଦେଇଥିଲେ। ଏଥିରୁ ୩୨୯ କୋଟି ଟଙ୍କାର ୨୧୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୨୫୨ କୋଟି ଟଙ୍କାର ୩୬ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ଏଥିସହିତ ବଲାଙ୍ଗୀରରେ ନୂଆ ଚିନିକଳ ଓ ଟେକ୍ସଟାଇଲ ପାର୍କ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ। ଗରିବ, ଚାଷୀ, ମହିଳା ଏବଂ ଯୁବବର୍ଗଙ୍କ ସାମୂହିକ ବିକାଶ ଉପରେ ଓଡ଼ିଶା ସରକାର ଧ୍ୟାନ କେନ୍ଦ୍ରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଏକ ଦର୍ଶନ ବୋଲି ବିବେଚନା କରିଥିଲେ। ସେ କହିଲେ, ତୃଣମୂଳସ୍ତରରୁ ବିକାଶ ହିଁ ଏହି ବ୍ୟବସ୍ଥାର ଏକମାତ୍ର ଲକ୍ଷ୍ୟ। ଯାହାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ମୋହନ ସରକାରରେ ସଫଳତାର ଏକ ଉଦାହରଣ ହେଲା, ୨୨ ମାସର ଅବଧି ଭିତରେ ରାଜ୍ୟରେ ଜଣେ ବି ଚାଷୀ ଆତ୍ମହତ୍ୟା କରିନାହାନ୍ତି। ଚାଷୀ ହୁଅନ୍ତୁ କିମ୍ବା ସାଧାରଣ ଜନତା, ସରକାର ଲୋକଙ୍କର ପ୍ରତିଟି ସମସ୍ୟାକୁ ଗୁରୁତ୍ୱର ସହ ଗ୍ରହଣ କରୁଛନ୍ତି।

ସମାବେଶରେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ବିକଶିତ ଓଡ଼ିଶା ଗଠନ ପାଇଁ ବିକଶିତ ପଞ୍ଚାୟତ ଗଠନ ଜରୁରି ବୋଲି ମତ ରଖିଥିଲେ। ରାଜ୍ୟରେ ବିକାଶ ପାଇଁ ଭିତ୍ତିଭୂମି ଓ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ରାଜ୍ୟର ୫୦ ହଜାର ଦାଦନ ପରିବାରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପାଇଁ ସ୍ଥାୟୀ କର୍ମସଂସ୍ଥାନର ବ୍ୟବସ୍ଥା କରାଯାଉଛି। ଡାଲଖାଇ, ଭିବି-ଜି-ରାମଜି, ମନରେଗା ଯୋଜନାର ସଫଳ ପ୍ରୟୋଗ ଦ୍ୱାରା ଆଗାମୀ କିଛି ଦିନରେ ରାଜ୍ୟ ଦାଦନମୁକ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆସନ୍ତା ୨ବର୍ଷ ଭିତରେ ରାଜ୍ୟର ପଞ୍ଚାୟତଗୁଡ଼ିକରେ ୧୮ ଶହ ଆରୋଗ୍ୟ ମନ୍ଦିର ଖୋଲିବ ବୋଲି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଏକ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ସେ କହିଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗିରିଶ ଏସ୍‌ଏନ୍, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ଜିଲ୍ଲାପାଳ ଗୌରବ ଶିବାଜୀ ଉମଲଓ୍ୱାର ମଞ୍ଚାସୀନ ଥିଲେ। ଏହି ଅବସରରେ ଆଭ୍ୟନ୍ତରୀଣ ସମୀକ୍ଷା ଏବଂ ଇ-ପଞ୍ଚାୟତ ସେବା ପୋର୍ଟାଲ୍‌ର ଲୋକାର୍ପଣ ହୋଇଥିଲା।

Page No 11 April 25, 2026

# ODISHA UNVEILS SMART GOVERNANCE TOOLS TO TRANSFORM PANCHAYATI RAJ

## ଜାତୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ବଲାଙ୍ଗିରରେ ହେବ ଚିନି କଳ, ଟେକ୍ସଟାଇଲ୍ ପାର୍କ



ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

■ ବଲାଙ୍ଗୀର, ୨୪।୪ (ସମିସ): ବଲାଙ୍ଗିରରେ ହେବ ଚିନିକଳ, ସ୍ଥାପନ ହେବ ଟେକ୍ସଟାଇଲ୍ ପାର୍କ। ବଲାଙ୍ଗିରଠାରେ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜାତୀୟ ପଞ୍ଚାୟତିରାଜ ଦିବସ କେବଳ ଏକ ସମାବେଶ ନୁହେଁ, ଏହା ଗ୍ରାମାଞ୍ଚଳ ସ୍ୱ-ଶାସନ ଓ ଲୋକତନ୍ତ୍ରର ମୌଳିକ ଶକ୍ତିକୁ ଜାଗରଣ କରିବାର ଦିବସ। ୭୩ତମ ସମ୍ବିଧାନ ସଂଶୋଧନର ତିନି ଦଶକ ପରେ ପଞ୍ଚାୟତିରାଜ ବ୍ୟବସ୍ଥା ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଲୋକଙ୍କ ସକ୍ରିୟ ଭାଗିଦାରୀ ଓ ଅଭିନବ ଚିନ୍ତାଧାରା ହିଁ ଏହି ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସାକାର କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ବାସଗୃହ ଓଡ଼ିଶାକୁ ମିଳିବ ଓ ଏହା ମାଧ୍ୟମରେ ସମସ୍ତେ ଘର ପାଇବେ। ଜଳଜୀବନ ମିସନ ଅଧୀନରେ ପାଇପ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ବୃହତ୍ ଯୋଜନା ଗ୍ରହଣ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▸ପୃଷ୍ଠା-୬

## ବଲାଙ୍ଗୀରରେ ହେବ...

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ୩୦୪ ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୩୨୯ କୋଟି ଟଙ୍କାର ୨୬୮ ପ୍ରକଳ୍ପର ଲୋକାର୍ପଣ ସହ ୨୫୨ କୋଟି ଟଙ୍କାର ୩୬ ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏଥିରେ ଏଥିରେ ଭୀମଭୋଇ ମେଡିକାଲ କଲେଜରେ ଏକ ନୂତନ ନର୍ସିଂ କଲେଜ ପାଇ ମଧ୍ୟ ଶିଳାନ୍ୟାସ କରାଯାଇଛି। ଏହା ସହ ମୁଖ୍ୟମନ୍ତ୍ରୀ ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍ ଓ ର- ପଞ୍ଚାୟତ ସଭା ପୋର୍ଟାଲକୁ ମଧ୍ୟ ଉନ୍ମୋଚନ ଚରିବା ସହ ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତକୁ ପୁରସ୍କାର ପ୍ରଦାନ କରିଛନ୍ତି।

## ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ'ରେ ମୁଖ୍ୟମନ୍ତ୍ରୀ

# ବଲାଙ୍ଗିରରେ ଚିନି କଳ, ଟେକ୍ସଟାଇଲ୍ ପାର୍କ



- ଜିଲ୍ଲାରେ ୫୮୦ କୋଟିର ପ୍ରକଳ୍ପ ଶୁଭାରମ୍ଭ
- ବିକଶିତ ଦେଶ ପାଇଁ ଗାଁ ଉନ୍ନତି ଜରୁରି
- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର କାର୍ଯ୍ୟାଦେଶ ବଣ୍ଟନ
- ଇ-ପଞ୍ଚାୟତସଭା, ଇଣ୍ଟରନାଲ ଅଡିଟ୍ ରିପୋର୍ଟ ଆପ୍ ଲୋକାର୍ପିତ

ବଲାଙ୍ଗିର,୨୪।୪(ଅପ୍ର):ଗାଁ ହେଉଛି ଦେଶର ଆତ୍ମା। ବିକଶିତ ଭାରତ ଓ ବିକଶିତ ରାଜ୍ୟ ପାଇଁ ବିକଶିତ ଗାଁ ନିହାତି ଜରୁରି। ସେଥିପାଇଁ ରାଜ୍ୟ ସରକାର ମିଶନ ପାୱାର ମାଧ୍ୟମରେ ଗାଁଗୁଡ଼ିକର ଉନ୍ନତି ପାଇଁ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ବଲାଙ୍ଗିରଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲା ପାଇଁ ୫୨୦ କୋଟି ଟଙ୍କାର ୩୦୪ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ତନ୍ମଧ୍ୟରେ ୩୨୯ କୋଟିରେ ନିର୍ମିତ ୨୬୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୨୫୨ କୋଟି ଟଙ୍କାରେ ପ୍ରସ୍ତାବିତ ୩୬ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଜିଲ୍ଲାରେ ଚିନିକଳ ଏବଂ ଟେକ୍ସଟାଇଲ୍ ପାର୍କ ହେବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଗ୍ରାମୀଣ ଆବାସ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତଗୁଡ଼ିକୁ ପୁରସ୍କୃତ କରିଛନ୍ତି। ପଞ୍ଚାୟତିରାଜ ବିଭାଗର ଇ-ପଞ୍ଚାୟତସଭା ଏବଂ ଇଣ୍ଟରନାଲ ଅଡିଟ ରିପୋର୍ଟ ଆପ୍‌ର ଶୁଭାରମ୍ଭ କରିଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଲେ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ କେବଳ ଯୋଜନା କାର୍ଯ୍ୟକାରୀ କରିବା ଭିତରେ ସୀମିତ ନାହାନ୍ତି। ସାମାଜିକ, ଅର୍ଥନୈତିକ, ମୌଳିକ ସେବା ଭିତ୍ତିଭୂମି, ମାନବ କଲ୍ୟାଣ ଓ ପ୍ରାକୃତିକ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ଜାତୀୟ ପଞ୍ଚାୟତିରାଜ ଦିବସ ଏକ ସମାବେଶ ନୁହେଁ, ଏହା ଗ୍ରାମାଞ୍ଚଳର ସ୍ୱଶାସନ ଓ ଲୋକତନ୍ତ୍ରର ମୌଳିକ ଶକ୍ତିକୁ ଜାଗରଣ କରିବାର ଦିବସ। ୭୩ତମ ସମ୍ବିଧାନ ସଂଶୋଧନର ତିନି ଦଶକ ପରେ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଜନ ଭାଗିଦାରି ଏବଂ ଅଭିନବ ଚିନ୍ତାଧାରା ହିଁ ଏହି ବ୍ୟବସ୍ଥାକୁ ଅଧିକ ଗତିଶୀଳ କରିପାରିବ। ଗ୍ରାମାଞ୍ଚଳରେ ଜଳ, ଜମି, ଜଙ୍ଗଲର ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ମହିଳା ସଶକ୍ତୀକରଣରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱରେ ବିକଶିତ ଭାରତ ଗଠନ ପାଇଁ ଯେଉଁ ଉଦ୍ୟମ ଜାରି ରହିଛି; ତାକୁ ସାକାର କରିବା ପାଇଁ ଆମ ସରକାର ସଂକଳ୍ପବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ବାସଗୃହ ଓଡ଼ିଶାକୁ ମିଳିବାକୁ ଯାଉଛି। ଜଳଜୀବନ ମିଶନ ଅଧୀନରେ ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ପାଣି ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ବୃହତ୍ ଯୋଜନା ଗ୍ରହଣ କରାଯାଇଛି। 'ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ସଂକଳ୍ପ'କୁ ପୂରା ▸ ଭିତରେ

Scan QR to watch Panchayati Raj - Samikshya Video




nicmeity

NICMeity

@NICIndia

https://odisha.nic.in

National Informatics Centre, Meity

/National Informatics Centre

National Informatics Centre, Odisha State Centre
Unit-IV, Sachivalaya Marg, Bhubaneswar-751001
Tel:+91-674-2508438, E-Mail : sio-ori@nic.in

NIC एनआईसी National Informatics Centre

भारत सरकार GOVERNMENT OF INDIA सत्यमेव जयते इलेक्ट्रॉनिक्स और सूचना प्रौद्योगिकी मंत्रालय Ministry of Electronics and Information Technology